# ଜଟିଳ ହେଉଛି ରନ୍ଧନ ଗ୍ୟାସ୍ ସମସ୍ୟା

## ବନ୍ଦ ହେଲାଣି ରେଷ୍ଟୁରାଣ୍ଟ, ବଢ଼ୁଛି ଖାଦ୍ୟସାମଗ୍ରୀ ଦର

କେନ୍ଦୁଝର,୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ରନ୍ଧନ ଗ୍ୟାସ୍ ସମସ୍ୟା ଜଟିଳ ହେବାରେ ଲାଗିଛି। ବିଶେଷକରି ଏହାର ପ୍ରଭାବ ବେଶି ହୋଟେଲ, ରେଷ୍ଟୁରାଣ୍ଟ, ରାସ୍ତାକଡ଼ ଜଳଖିଆ ଦୋକାନଗୁଡ଼ିକ ଉପରେ ପଡ଼ିଛି। କମର୍ସିଆଲ ଗ୍ୟାସ୍ ମିଳୁ ନ ଥିବାରୁ ଅନେକ ହୋଟେଲ, ଦୋକାନ ବନ୍ଦ ହୋଇଗଲାଣି। କେତେକ ସ୍ଥାନରେ ଘରୋଇ ଗ୍ୟାସ୍‌ରେ କାମ ଚଳାଉଛନ୍ତି। ଫଳରେ ଖାଦ୍ୟମେନୁରେ ଦର ବଢ଼ାଇଥିବା ହୋଟେଲ ମାଲିକ, ଜଳଖିଆ ଦୋକାନୀ କହିଛନ୍ତି। ଦରବୃଦ୍ଧି ବୋଝ ସାଧାରଣ ଲୋକଙ୍କୁ ଉପରେ ପଡୁଛି।

ପ୍ରକାଶ ଯେ, ରନ୍ଧନ ଗ୍ୟାସ୍ ଅଭାବରୁ କେତେଜଣ ଦୋକାନୀ ଜାଳକାଠ, ହିଟର, ଇଣ୍ଡକସନ ଚୁଲା ବ୍ୟବହାର କରୁଥିବା ଦେଖାଯାଉଛି। ଫଳରେ ଛୋଟ ହୋଟେଲ, ଚା ଦୋକାନୀ, ଜଳଖିଆ ଦୋକାନୀ ସେସବୁ ବାବଦକୁ ଦାମ ବଢ଼ାଇଦେଇଛନ୍ତି। କେତେଜଣ ବରା, ଆଳୁଚପ, ଅନ୍ୟାନ୍ୟ ଜଳଖିଆର ଆକାର କମେଇ ଦେଇଛନ୍ତି। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ବୀରକିଶୋର ମାରାଣ୍ଡି ଗ୍ୟାସ୍ କଳାବଜାର ହେଉନାହିଁ ଏବଂ ଧରପଗଡ଼ ଜାରି ରହିଛି। ଏଥିପାଇଁ କୌଣସି ସୂଚନା ଦେଲେ ଚଢ଼ାଉ କରାଯିବ ବୋଲି କହିଛନ୍ତି। ମାତ୍ର କେତେଜଣ ଚା, ଜଳଖିଆ ଦୋକାନୀ ନାମ ଗୋପନ ରଖି କହିଛନ୍ତି, ସେମାନେ ସିଲିଣ୍ଡର ଅଧିକ ଦାମରେ କିଣୁଥିବାରୁ ଦାମ ବଢ଼ାଇବାକୁ ବାଧ ହେଉଛନ୍ତି। କାଠ ଦର ମଧ୍ୟ ବଢ଼ିଯାଇଛି। କେବଳ ଲୋକଙ୍କ ସମସ୍ୟାକୁ ଦେଖି ଖୋଲୁଛନ୍ତି। ନଚେତ୍ ଅନ୍ୟମାନଙ୍କ ଭଳି ଦୋକାନ ବନ୍ଦ କରିବାକୁ ବାଧ ହେବେ। ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି, ଲୋକମାନେ ଓଟିପି ପାଇ ମଧ୍ୟ ଦୀର୍ଘ ଦିନ ଧରି ଅପେକ୍ଷା କରିବାକୁ ପଡୁଛି। ନିରାଶ ହୋଇ ଗାଡ଼ିରେ ୮ କି.ମି. ଦୂର ଶଙ୍କରପୁରକୁ ଖାଲି ସିଲିଣ୍ଡର ଧରି ବିପଦପୂର୍ଣ୍ଣ ଅବସ୍ଥାରେ ଯିବାକୁ ପଡୁଛି। ସେଠାରେ ଘଣ୍ଟାଧିକ ସମୟ ଅପେକ୍ଷା କରିବାକୁ ପଡୁଛି। ତେବେ ସିଲିଣ୍ଡର ପିଛା ଘରେ ପହଞ୍ଚାଇବା ପାଇଁ ଭଡ଼ା ବାବଦକୁ ପାଖାପାଖି ୩୫ ଟଙ୍କା ମଧ୍ୟ ଉପଭୋକ୍ତାଙ୍କୁ ଦିଆଯାଉନାହିଁ। ସେସବୁ ହଡ଼ପ କରାଯାଉଥିବା କହିଥିଲେ।

## ସଂକ୍ଷେପରେ

### ଜଳିଗଲା ବାଇକ୍, ବାପଝିଅ ଆହତ

କେନ୍ଦୁଝର,୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥର ପଦ୍ମପୁର କଲେଜ ଛକ ନିକଟରେ ଶନିବାର ଏକ ଚଳନ୍ତା ବାଇକ୍ ଜଳିଯାଇଛି। ଶର୍ଟସର୍କିଟ ଯୋଗୁ ବାଇକ୍‌ଟି ଜଳିଯାଇଥିବା ଅନୁମାନ କରାଯାଉଛି। ବାଇକ୍‌ରେ ଥିବା ବାପା, ଝିଅ ସାମାନ୍ୟ ଆହତ ହୋଇଛନ୍ତି। ବାପା, ଝିଅଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ବାପା, ଝିଅ ବାଇକ୍‌ରେ ଭୁବନେଶ୍ୱରରୁ କେନ୍ଦୁଝର ଜିଲା ଦେଇ ଝାଡ଼ଖଣ୍ଡ ରାଜ୍ୟ ଚାଇଁବସା ଅଭିମୁଖେ ଯାଉଥିଲେ। କୌଣସି କାରଣରୁ ବାଇକ୍‌ରେ ନିଆଁ ଲାଗିଯାଇଥିଲା। ବାପା ଓ ଝିଅ ରାସ୍ତାରେ ଗାଡି ଛାଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ କେନ୍ଦୁଝର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ମାତ୍ର ସେତେବେଳକୁ ବାଇକ୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା।

### ଓଡ଼ିଶା ଟାଟା ଆର୍ଚେରି ହାଇ ପର୍ଫର୍ମାନ୍ସ ସେଣ୍ଟରକୁ ୪ ପଦକ

କେନ୍ଦୁଝର,୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଶଙ୍କରପୁର ଷ୍ଟାଡ଼ିୟମରେ ପ୍ରତିଷ୍ଠିତ ଓଡ଼ିଶା ଟାଟା ଆର୍ଚେରି ହାଇ ପର୍ଫର୍ମାନ୍ସ ସେଣ୍ଟରର ଖେଳାଳିଙ୍କୁ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୨୦୨୬ର ପ୍ରଥମ ସଂସ୍କରଣରେ ୪ଟି ପଦକ ମିଳିଛି। ସେଣ୍ଟରର ଅର୍ଜୁନ ଖାରା (୨୩) ରିକର୍ଭ ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତି ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଅର୍ଜୁନ, ରିକର୍ଭ ମିକ୍ସଡ ଟିମ୍ ଓ ରିକର୍ଭ ଟିମ ବିଭାଗରେ ମଧ୍ୟ ୨ଟି ରୌପ୍ୟ ପଦକ ଜିତିଛନ୍ତି। ସେହିପରି ସେଣ୍ଟରର ରମାଇ ମୁର୍ମୁ (୧୬) ରିକର୍ଭ ଟିମ ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ୧୦୬ଟି ସର୍ଣ୍ଣ ପଦକ ମଧ୍ୟରୁ କର୍ଣ୍ଣାଟକ ୨୩ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ସହିତ ସମଗ୍ର ଚାମ୍ପିୟନ ହୋଇଛି। ଓଡ଼ିଶା ୨୧ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୨୧ଟି କାଂସ୍ୟ ପଦକ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରକାଶଯୋଗ୍ୟ, ଛତିଶଗଡ଼ ରାଜ୍ୟର ରାଇପୁରରେ ମାର୍ଚ୍ଚ ୨୫ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଆୟୋଜିତ ଖେଳରେ ପ୍ରାୟ ୩,୮୦୦ ଖେଳାଳି ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୯ଟି ବିଭାଗରେ ଅଂଶଗ୍ରହଣ କରିଥିଲେ।

### ଜିଲା ଓକିଲ ସଂଘ ଖାଲି ପଦବୀ ପୂରଣ ନେଇ ବିଜ୍ଞପ୍ତି

କେନ୍ଦୁଝର,୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଓକିଲ ସଂଘର ନିର୍ବାଚନ ପରେ ଖାଲିଥିବା ୪ଟି କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ଶନିବାର ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ନିର୍ବାଚନରେ ୫ଟି ପଦବୀ ପାଇଁ ଜଣେ ନାମାଙ୍କନ ପତ୍ର ଦାଖଲ କରିଥିଲେ ଏବଂ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଖାଲି ଥିବା ଅନ୍ୟ ୪ଟି ପଦବୀ ପାଇଁ ଆସନ୍ତା ୧୮ ତାରିଖରେ ସକାଳ ୭ ରୁ ୧ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ ବୋଲି ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନ୍‌ଜୀବୀ ଦେବାଶିଷ ରଣା ସୂଚନା ଦେଇଛନ୍ତି। ୬ ତାରିଖ ମଧ୍ୟରେ ନାମାଙ୍କନ ପତ୍ର କିଣି ଦାଖଲ କରାଯିବ। ୮ ତାରିଖରେ ଫାଇନାଲ ଲିଷ୍ଟ ଘୋଷଣା ହେବ। ୧୮ ତାରିଖ ଅପରାହ୍ଣରେ ଭୋଟ ଗଣନା ହୋଇ ଘୋଷଣା ହେବ ବୋଲି ସୂଚନା ମିଳିଛି।

### ବାଇକ୍ ମଧ୍ୟରେ ସିରିଜ୍ ଦୁର୍ଘଟଣା, ୩ ଗୁରୁତର

ଯୋଡ଼ା,୪।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ଓଭର ବ୍ରିଜ୍ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ସିରିଜ୍ ବାଇକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୩ ଗୁରୁତର, ୩ ଆହତ ହୋଇଛନ୍ତି। ଗୁରୁତର ଯୋଡ଼ା ତାରିଣୀ ଛକ ଆମ ବାଗାନର ସାହିନ ମୁଣ୍ଡା, ଆଜାଦ ବସ୍ତିର ଅଂଶୁମାନ ବେହେରା, ସମୀର ଖାନ। ସମସ୍ତଙ୍କୁ ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୋମ ପାଟଣା ଅଞ୍ଚଳର ଲକ୍ଷ୍ମୀଧର ପାତ୍ର ତାଙ୍କ ଭାଇ ଲମ୍ବୋଧର ପାତ୍ର ଓ ହାତିଆ ନାଶା ଅଞ୍ଚଳର କାହ୍ନୁ ଚରଣ ମୁଣ୍ଡା ଆହତ ହୋଇ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ୩ ବାଇକ୍‌ରେ ୬ ଜଣ ଯୋଡ଼ା ଅଭିମୁଖେ ଆସୁଥିବା ବେଳେ ପରସ୍ପର ମଧ୍ୟରେ ଧକ୍କା ହୋଇଥିଲେ। ପୋଲିସ ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ତଦନ୍ତ କରୁଛି।

# ଆଦିବାସୀଙ୍କ ପୂଜାସ୍ଥଳରେ ଶ୍ମଶାନ ନିର୍ମାଣକୁ ବିରୋଧ



ବିରୋଧ କରୁଥିବା ସ୍ଥାନୀୟ ଲୋକେ।

ଯୋଡ଼ା,୪।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁରଠାରେ ନିର୍ମାଣାଧୀନ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପର ରେଭେନ୍ସାପୁର (କ) ଗ୍ରାମରେ ଆଦିବାସୀଙ୍କ ପୂଜାସ୍ଥଳରେ ଶ୍ମଶାନ ନିର୍ମାଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପ ପକ୍ଷରୁ ଶ୍ମଶାନ ନିର୍ମାଣ କରାଯାଉଥିବା କୁହାଯାଉଛି। ଶୁକ୍ରବାର ଅପରାହ୍ଣରେ ବିସ୍ଥାପିତ ବିରୋଧ କରିବାକୁ କର୍ତ୍ତୃପକ୍ଷ ପଳାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଆଦିବାସୀଙ୍କ ଦେବଦେବୀ ପୀଠ ଓ ବନ ଦୁର୍ଗାପୂଜା କରାଯାଉ ଥିବା ସ୍ଥାନରେ କାନପୁର ପ୍ରକଳ୍ପ କର୍ତ୍ତୃପକ୍ଷ ରୁଗୁଡ଼ି ଗ୍ରାମର ଶ୍ମଶାନ ନିର୍ମାଣ ଉଦ୍ୟମ କରୁଛନ୍ତି। ଏହା ଜାଣିପାରି ବିସ୍ଥାପିତ ଆଦିବାସୀ ଲୋକେ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଜଗନ୍ନାଥ ତିରିଆ କହିଛନ୍ତି, କେଉଁ ଆବହମାନ କାଳରୁ ଉକ୍ତ ସ୍ଥାନରେ ଆଦିବାସୀ ମାଗେ ପର୍ବ, ବନ ଦୁର୍ଗାପୂଜା କରି ଆସୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଦେବଦେବୀଙ୍କୁ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉନାହିଁ। ଏପରି ସ୍ଥଳେ ସେଠାରେ ଶ୍ମଶାନ ନିର୍ମାଣ କରିବା ଦେବଦେବୀଙ୍କ ପ୍ରତି ଅପମାନ ବୋଲି କହିଛନ୍ତି। ଏଥିରୁ ପ୍ରକଳ୍ପ କର୍ତ୍ତୃପକ୍ଷ ନିବୃତ ରହିବା ପାଇଁ ସେ ଅନୁରୋଧ କରିଛନ୍ତି। ବିରୋଧ ପରେ ପ୍ରକଳ୍ପ କର୍ତ୍ତୃପକ୍ଷ ସେଠାରୁ ଛାଡ଼ି ଚାଲିଯାଇଥିବା ବିସ୍ଥାପିତ ଗ୍ରାମବାସୀ କହିଛନ୍ତି।

# କାର୍ଯ୍ୟରେ ଯୋଗଦେବାକୁ ଯାଇଥିବା କର୍ମଚାରୀଙ୍କୁ ସିଇଓଙ୍କ ବାରଣ

## ବର୍ଦ୍ଧିତ ଦରମା ମାଗିବାରୁ ଡିଏମ୍‌ଏଫ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ବିଦା ଘଟଣା

କେନ୍ଦୁଝର/ହାଟଡିହି,୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ): କେନ୍ଦୁଝର ଡିଏମ୍‌ଏଫ୍ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଜଣେ କର୍ମଚାରୀ ଶନିବାର କାର୍ଯ୍ୟରେ ଯୋଗଦାନ କରିବାକୁ ଯାଇଥିବା ବେଳେ ଡିଏମ୍‌ଏଫ ସିଇଓ ବାରଣ କରିଛନ୍ତି। କାର୍ଯ୍ୟରେ ଯୋଗଦାନ କରାଇ ନ ଦେବାରୁ କର୍ମଚାରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କର୍ମଚାରୀ ଦୀର୍ଘ ୬ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ। କାର୍ଯ୍ୟରୁ ନିବୃତ୍ତ କରାଯାଇଥିବାରୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟଙ୍କ ଆଦେଶରେ ଜବାବ ଦେଇ ଅଭିଯୋଗକାରୀ କର୍ମଚାରୀଙ୍କୁ ଚାକିରୀରୁ ବିଦା କରାଯାଇ ନ ଥିବା ଜିଲାପାଳ ଅବଗତ କରାଇଥିଲେ। ଏହା ଜାଣି ଅଭିଯୋଗକାରୀ ଚାକିରୀରେ ଯୋଗଦାନ କରିବାକୁ ଯାଇଥିଲେ। କିନ୍ତୁ କର୍ମଚାରୀ ଜଣକୁ କାର୍ଯ୍ୟ କରିବାକୁ ସିଇଓ ଡ. ରୀନା ପ୍ରଧାନ (ଆଇଏଏସ )ସୁଯୋଗ ନ ଦେଇ ଅଫିସରୁ ବାହାରି ଯିବାକୁ କହିଥିଲେ। ସିଇଓଙ୍କୁ ଏ ନେଇ ପଚାରିବାରୁ ଅର୍ଡରରେ କେଉଁଠି ଲେଖା ହୋଇଛି କି କର୍ମଚାରୀଙ୍କୁ ଟର୍ମିନେଟ କରାଯାଇନାହିଁ। ଟର୍ମିନେଟ କରାଯାଇଛି ବୋଲି ଅର୍ଡରରେ କେଉଁଠି ଉଲ୍ଲେଖ ଅଛି ବୋଲି ପଚାରିବାରୁ, ଟର୍ମିନେଟ କରାଯାଇଛି ବୋଲି ମଧ୍ୟ ଉଲ୍ଲେଖ ହୋଇନି, ଅଭିଯୋଗକାରୀ କର୍ମଚାରୀ ଜଣକ ଜଏନିଂ କରିପାରିବେ କି ନାହିଁ ସେ ନେଇ କୌଣସି ଇନଷ୍ଟ୍ରକ୍‌ଶନ ଆସିନି। କେଉଁ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ବାରଣ କଲେ ପ୍ରଶ୍ନରେ ଉଚ୍ଚ ଅଧିକାରୀଙ୍କୁ ପଚାର ବୋଲି କହି ସେ ଫୋନ କାଟିଦେଇଥିଲେ।

ସୂଚନାଯୋଗ୍ୟ, ବର୍ଦ୍ଧିତ ଦରମା ମାଗିବାରୁ ଡିଏମ୍‌ଏଫରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ମୌଖିକ ଭାବେ ଚାକିରୀରୁ ବିଦା କରିଦିଆଯାଇଥିଲା। ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ୪ ସପ୍ତାହ ମଧ୍ୟରେ ଅଭିଯୋଗର ବିଚାର କରିବାକୁ ହାଇକୋର୍ଟ ୧୦ ଡିସେମ୍ବର ୨୦୨୫ରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଧାର୍ଯ୍ୟ ସମୟରେ ପାଳନ ନ କରିବାରୁ ଜିଲାପାଳ ତଥା ଡିଏମ୍‌ଏଫ୍ ଅଧ୍ୟକ୍ଷ ବିଶାଲ ସିଂଙ୍କ ନାମରେ ଅଦାଲତ ଅବମାନନା ମାମଲା ଦାୟର ହୋଇଥିଲା। ପରେ ଜିଲାପାଳ ଅର୍ଡର ପ୍ରକାଶ କର ୨୧ ଦିନ ପରେ ଅର୍ଥାତ ଚଳିତ ମାସ ଏପ୍ରିଲ ୨ରେ ମେଲ ଜରିଆରେ ଅଭିଯୋଗକାରୀଙ୍କୁ ପ୍ରେରଣ କରିଥିଲେ। ଅର୍ଡରରେ ଅଭିଯୋଗକାରୀଙ୍କୁ ଚାକିରୀରୁ ବିଦା କରାଯାଇଥିବା ନେଇ ଆଦୌ ଉଲ୍ଲେଖ ନାହିଁ।

# ଟ୍ରାନ୍ସଫର୍ମର ଅଚଳ, ଚିନ୍ତାରେ ଚାଷୀ

## ଖରାଟିଆ ଫସଲ ନଷ୍ଟହେବା ଆଶଙ୍କା

କେନ୍ଦୁଝର,୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମରେ ଗଭୀର ନଳକୂଅ ପାଇଁ ବସିଥିବା ଟ୍ରାନ୍ସଫର୍ମର ୧୪ ଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ଖରାଟିଆ ଫସଲରେ ପାଣି ମଡ଼ାଇବାରେ ସମସ୍ୟା ଉପୁଜୁଛି। ଅଭିଯୋଗ ପରେ ବି ମରାମତି କରାଯାଉନାହିଁ। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ନଷ୍ଟହେବା ଆଶଙ୍କା ପ୍ରକାଶ ପାଇଛି।

ପ୍ରକାଶ ଯେ, ଗ୍ରାମରେ ପାଖାପାଖି ୬ ଏକର ଜମିରେ ଚାଷୀ ଖରାଟିଆ ପନିପରିବା ତଥା ତରଭୁଜ, ବାଇଗଣ, ବିଲାତି, କୋବି ଆଦି ଚାଷ କରିଛନ୍ତି। ଏବେଠୁ ତାପମାତ୍ରା ୩୭ ଡିଗ୍ରୀ ଉପରେ ପହଞ୍ଚିଥିବା ବେଳେ ପ୍ରବଳ ଖରା ଯୋଗୁ ପାଣିର ଆବଶ୍ୟକତା ରହିଛି। ଏହି ସମୟରେ ଗଭୀର ନଳକୂପରୁ ପାଣି ଉଠାଇବା ପାଇଁ ଥିବା ଟ୍ରାନ୍ସଫର୍ମର ଅଚଳ ଯୋଗୁ ଚାଷୀ ରଘୁନାଥ ଲାଗୁରୀ, ପାଣ୍ଡବ ମୁଣ୍ଡା, ଲକ୍ଷ୍ମଣ ସୋରେନ, ଲକ୍ଷ୍ମଣ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ମାଝୀ ସମେତ ଅନ୍ୟ ଚାଷୀ ଜଳସେଚନ ଅଭାବରୁ ଫସଲ ନଷ୍ଟହେବାକୁ ବସିଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଏହାକୁ ନେଇ ଚାଷୀ ବିଦ୍ୟୁତ୍ ବିଭାଗ ନିକଟରେ ଅଭିଯୋଗ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଧାରକରଜ କରି ଏବଂ ପ୍ରବଳ ଖରାରେ ପରିଶ୍ରମକରି ଚାଷ କରିଛନ୍ତି। ଚାଷ ଅମଳ ହେଲେ ବିକି ରଣ ଶୁଝିବେ ବୋଲି ଆଶା କରିଥିଲେ। ଫସଲ ଉଜୁଡ଼ିଗଲେ କିପରି ଚଳିବେ ସେ ନେଇ ଚିନ୍ତାରେ ରହିଛନ୍ତି। ବିଭାଗର ଅଧୀକ୍ଷଣଯନ୍ତ୍ରୀ ମୀନକେତନ ସାମଲ କହିଛନ୍ତି, ଏ ନେଇ ଆବଶ୍ୟକ ପଦକ୍ଷେପ ନେବେ। ଅନ୍ୟପକ୍ଷରେ ତୁରନ୍ତ ଟ୍ରାନ୍ସଫର୍ମର ସଚଳ କରି ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି।



ଟ୍ରାନ୍ସଫର୍ମର ନିକଟରେ ଚାଷୀ।

# ଜିଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଉଦ୍‌ଘାଟିତ



ବିଧାୟକ ଜଣେ ଛାତ୍ରୀଙ୍କୁ ଖଡ଼ିଛୁଆଁଉଛନ୍ତି।

କେନ୍ଦୁଝର,୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ସଦର ବ୍ଲକ୍ ଅଧୀନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିରିଶପାଳଠାରେ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ୨୦୨୬ ଶନିବାର ପାଳିତ ହୋଇଯାଇଛି । ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ, ଏମପିଙ୍କ ପ୍ରତିନିଧି ଦିଲ୍ଲୀପ ପଣ୍ଡା, ଜିଲାପାଳ ବିଶାଲ ସିଂହ, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ, ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ, ବ୍ଲକ୍ ଉନ୍ନୟନ ଅଧିକାରୀ ବିନୋଦ ବିହାରୀ ପଣ୍ଡା, ବ୍ଲକ୍ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ, ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ମିଶ୍ର, ଜିଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ, ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ଶୈକ୍ଷିକ ସଂଯୋଜକ ମାନସ ରଞ୍ଜନ ଦାଶ, ଭିନ୍ନକ୍ଷମ ସଂଯୋଜକ ପୀତବାସ ସାହୁ ଓ ସଦର ବ୍ଲକ୍‌ର ସମସ୍ତ ସିଆରସିସି ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ନୂତନ ଭାବେ ଯୋଗ ଦେବାକୁ ଥିବା ଶିଶୁ ବାଟିକାର କୁନି ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରଦାନ କରାଯିବା ସହ ଅତିଥିମାନେ ଶିଶଙ୍କର ଖଡ଼ିଛୁଆଁଇଥିଲେ। ସହକାରୀ ବ୍ଲକ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅତିଥିମାନେ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ରଥଟି ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ସଦର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଓ ବିଦ୍ୟାଳୟଗୁଡ଼ିକୁ ପରିଦର୍ଶନ କରିବ।

# ଓଡ଼ିଆରେ ନାମଫଳକ ଲେଖିବାକୁ ସଚେତନତା

କେନ୍ଦୁଝର,୪।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଆ ପକ୍ଷ-୨୦୨୬ର ଚତୁର୍ଥ ଦିବସରେ କେନ୍ଦୁଝରଠାରେ ଓଡ଼ିଆରେ ନାମଫଳକ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଶନିବାର ଜିଲାର ବିଭିନ୍ନ ସ୍ଥାନରେ ସଚେତନତା ପଦଯାତ୍ରା ଆୟୋଜିତ କରି ଉକ୍ତ ଅଭିଯାନର ଶୁଭାରମ୍ଭ ହୋଇଛି। ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବଜାରରେ ପଦଯାତ୍ରା ମାଧ୍ୟମରେ ଦୋକାନ ବଜାର, ଶିଳ୍ପ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ବା ଜିଲାରେ ପ୍ରତିଷ୍ଠିତ ହୋଇଥିବା କୌଣସି ସଂସ୍ଥା ନିଜର ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ପ୍ରଶାସନ ପକ୍ଷରୁ ସଂସ୍ଥାର ମାଲିକ, କର୍ତ୍ତୃପକ୍ଷ ତଥା ଜନସାଧାରଣଙ୍କୁ ଉତ୍ସାହିତ କରାଯାଇଛି। ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଯୋଗଦେଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ଅତିରିକ୍ତ ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ।

# ଖଡ଼ି ଛୁଇଁଲେ ୧୫ ଶିଶୁ

ଚମ୍ପୁଆ,୪।୪(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ଟିମିଳା ନୋଡଲ ୟୁପି ବିଦ୍ୟାଳୟଠାରେ ଶନିବାର ବ୍ଲକ୍‌ସ୍ତରୀୟ ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବରେ ଏବିଡିଓ ଟୁନୁ ହାଁସଦା, ଏବିଓ ନରେନ୍ଦ୍ର ନାଏକ, ସୁମିତା ତ୍ରିପାଠି, ପାଟଣା ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଏମ୍‌ପିଙ୍କ ପ୍ରତିନିଧି ସିଦ୍ଧାର୍ଥ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ୧୫ ଜଣ ନବାଗତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାରମ୍ଭ ନିମନ୍ତେ ଅତିଥିଙ୍କ ଦ୍ୱାରା ଖଡ଼ିଛୁଆଁ ଯାଇଥିଲା। ଏହି ଅବସରରେ ଶିକ୍ଷା ସଚେତନ ରଥ ଶୁଭାରମ୍ଭ ହୋଇଥିବା ବେଳେ ବ୍ଲକ୍‌ରେ ବୁଲି ଜନସାଧାରଣଙ୍କୁ ସଚେତନ କରିବ ବୋଲି ସହକାରୀ ଶିକ୍ଷା ଅଧିକାରୀ ନାଏକ ସୂଚନା ଦେଇଛନ୍ତି।

# ବ୍ଲକ୍‌ସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

ପାଟଣା,୪।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଟଣା ମୁଖ୍ୟାଳୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଶିଶୁଙ୍କ ଖଡ଼ିଛୁଆଁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ବଡ଼ ପାଟଣା ସରପଞ୍ଚ ବିନତୀ ବାନାରା, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ବିଡିଓ ମାନସ ଦଣ୍ଡପାଟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଏବିଇଓ ସଚିଦାନନ୍ଦ ସେଠୀ, ପ୍ରକାଶ ରାୟ, ଖବରଦାତା ନୃସିଂହନାଥ ସିଂହ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ କମଳାକାନ୍ତ ପତି ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଶିକ୍ଷା ସଚେତନତା ରଥକୁ ପତାକା ଦେଖାଇ ବିଧାୟକ ଶୁଭାରମ୍ଭ କରିଥିଲେ।

**ଯୋଡ଼ା,(ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ନିକଟସ୍ଥ ବନେଇକଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ପ୍ରବେଶିକା ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମର ସଚେତନତା ରଥର ଶୁଭାରମ୍ଭ ହୋଇଛି। ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହଁସଦାଙ୍କ ଅଧ୍ୟକ୍ଷତାରେ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡେନିସ ବେହେରା, ଚମ୍ପୁଆ ବିଧାୟକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱରୂପରାଜ ବିଶୋଇ, ଏବିଇଓ ତଥା ବିଆରସିସି ବିରଞ୍ଚି ନାରାୟଣ ଶତପଥୀ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଦିଲୀପ ବେହେରା, ଦିନବନ୍ଧୁ ପତି ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଯୋଡ଼ା ବ୍ଲକ୍ ୱେଷ୍ଟ କ୍ଲଷ୍ଟର, କମାରଯୋଡ଼ା ଓ ବିରିକଳା କ୍ଲଷ୍ଟରରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁନ୍ଦୁରୁନାଲା ପ୍ରାଥମିକ ବିଦ୍ୟାଳୟ ପରିସରରେ ସଚେତନତା ରଥ ପହଞ୍ଚିବା ପରେ ପ୍ରଧାନଶିକ୍ଷକ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ରଥକୁ ସ୍ୱାଗତ କରିଥିଲେ। ପରେ ପ୍ରବେଶ ଉତ୍ସବ ଓ ଛାତ୍ରୀଛାତ୍ର ଖଡ଼ିଛୁଇଁ ଶିଶୁ ବାଟିକାରେ ନାମ ଲେଖାଇଥିଲେ।

**ବଉଳା(ଦୁର୍ଗା ପ୍ରସାଦ ଆୟଚ):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହାଟଡ଼ିହୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଏକ ସଚେତନତା ରଥ ଶୁଭାରମ୍ଭ କରିଥିଲେ। ହାଟଡ଼ିହୀ ନୋଡ଼ାଲ ବିଦ୍ୟାଳୟରେ ମୁଖ୍ୟ ଅତିଥିଭାବେ ବିଡ଼ିଓ ରଞ୍ଜନ ପରିଡ଼ା, ବିଇଓ ରାଜିବ ଦଳେଇ, ଏବିଇଓ ତଥା ବିଆରସିସି ପ୍ରମୋଦ ନାୟକ, ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନା, ଶିକ୍ଷା ବିଭାଗର ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ ଜେନା, ସମିତି ସଭ୍ୟ କୈଳାଶ ରାଉତ, ସିଆରସିସି ଦେବାଶିଷ୍ ବାରିକ, ସୁମନ୍ତ ନାୟକ, ସତ୍ୟ ନାରାୟଣ ଗିରି ଉପସ୍ଥିତ ଥିଲେ। ସଚେତନତା ରଥ ବ୍ଲକ୍‌ର ପ୍ରତି ପଞ୍ଚାୟତ ଓ ଗାଁକୁ ପରିକ୍ରମା କରି ଡାକବାଜି ମାଧ୍ୟମରେ ସଚେତନତା କରାଯିବ ବୋଲି ବିଇଓ ସୂଚନା ଦେଇଥିଲେ। ପ୍ରଥମ ଦିନରେ ୧୪ ଜଣ ଛାତ୍ରୀଛାତ୍ର ଖଡି ଛୁଆଁ ଓ ପ୍ରବେଶ ଉତ୍ସବରେ ସାମିଲ ହୋଇଥିଲେ। ସେହିପରି ପଡିଆରୀପଲ୍ଲି ନୋଡାଲ ବିଦ୍ୟାଳୟ, ବାଙ୍ଗୋର ନୋଡାଲ ବିଦ୍ୟାଳୟ, ସୋସୋ ନୋଡାଲ ବିଦ୍ୟାଳୟ, ମରେିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଣୀଆପଙ୍କ ନୋଡାଲ ବିଦ୍ୟାଳୟ, ଡେଙ୍କା ହାଇସ୍କୁଲ, ହାଟଡ଼ିହୀ ହାଇସ୍କୁଲ,କଳିଙ୍ଗା ହାଇସ୍କୁଲ, ଶାସଙ୍ଗ ହାଇସ୍କୁଲ ଆଦି ବ୍ଲକ୍‌ର ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସରକାରୀ ଜମି ମାପଚୁପ ପାଇଁ ନୋଟିସ୍

## ଚୋରଗାଡ଼ିଆ ଗ୍ରାମରେ ସରକାରୀ ଜମି ଜବରଦଖଲ ଘଟଣା

ବଞ୍ଝୋ,୪।୪(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚୋରଗାଡ଼ିଆ ଗ୍ରାମରେ ସରକାରୀ ଜମି ଜବରଦଖଲରେ ରହିଛି। ଜବରଦଖଲ କାରଣରୁ ରାସ୍ତା ସମ୍ପ୍ରସାରଣ କାମ ବାଧାପ୍ରାପ୍ତ ହେଉଛି। ଆମ୍ବୁଲାନ୍ସ, ଦମକଳ ଭଳି ଜରୁରୀ ସେବା ଗାଡ଼ି ଗ୍ରାମକୁ ପହଞ୍ଚିପାରୁନାହିଁ। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ହାଟଡ଼ିହୀ ତହସିଲ ପକ୍ଷରୁ ଏପ୍ରିଲ ୯ ତାରିଖରେ ସରକାରୀ ଜମି ମାପଚୁପ କରି ଚିହ୍ନଟ ପାଇଁ ତାରିଖ ଘୋଷଣା କରାଯାଇଛି।

ଅଭିଯୋଗ ମୁତାବକ, ଗ୍ରାମ ରାସ୍ତାକଡ଼ରେ ପ୍ରାୟ ୮ ଏକର ସରକାରୀ ଜମି ଅବୈଧଭାବେ ଦଖଲ ହୋଇରହିଛି। ୨୦୧୯ରୁ ଜବରଦଖଲମୁକ୍ତ କରିବାକୁ ଆବେଦନ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଫଳରେ ଗାଁକୁ ଜରୁରିକାଳୀନ ସେବା ଗାଡ଼ି ଆସିବାରେ ମଧ୍ୟ ସମସ୍ୟା ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଥିଲା। ଏ ନେଇ ଗ୍ରାମବାସୀ ଆନ୍ଦୋଳନ କରିଥିବା ବେଳେ ଗତ ୨୩ ମାର୍ଚ୍ଚରେ ଗଣମାଧ୍ୟରେ ଖବର ପ୍ରକାଶ ପାଇଥିଲା। ପରେ ହାଟଡ଼ିହୀ ତହସିଲ ପକ୍ଷରୁ ୯ ଏପ୍ରିଲରେ ଜମି ଡିମାର୍କେଶନ ପାଇଁ ତାରିଖ ଘୋଷଣା କରାଯାଇଛି। ମରେଇଗାଁ ଆର୍‌ଆଇ ଓ ଅନ୍ୟ କର୍ମଚାରୀଙ୍କ ସମ୍ମୁଖରେ ଏହି ପ୍ରକ୍ରିୟା ହେବ। ସମସ୍ତେ ସହଯୋଗ କରିବାକୁ ତହସିଲ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଶ୍ରୀରାମ ନବମୀ ଅବସରରେ ରାମାଭିଷେକ

ବାସୁଦେବପୁର, ୪।୪(କାଳିପଦ ରାୟ)

ଭଦ୍ରକ ବ୍ଲକର ଏରଡ଼ାଠାରେ ଶ୍ରୀରାମ ନବମୀ ଅବସରରେ ୯ଦିନ ଧରି ଐତିହାସିକ ରାମାଭିଷେକ ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ୧୦୮ କଳସ ଶୋଭାଯାତ୍ରା, ରାମଭିଷେକ ପୂଜା, ପ୍ରତ୍ୟେହ ଆଧ୍ୟାତ୍ମିକ ସଚେତନତା ସଭା, ପ୍ରବଚନ, ରକ୍ତଦାନ ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପାଲା ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୯୫୨ ଠାରୁ ଏରଡ଼ା ଶ୍ରୀରାମ କମିଟି ଏହି କାର୍ଯ୍ୟକ୍ରମକୁ ନିଆରା ଢଙ୍ଗରେ ପାଳନ କରିଆସୁଛି। ଏହି ଅନୁଷ୍ଠାନ ଏରଡ଼ାଠାରେ ଏକ ଭବ୍ୟ ଶ୍ରୀରାମ ମନ୍ଦିର ଗ୍ରାମବାସୀଙ୍କ ସହଯୋଗରେ ନିର୍ମାଣ କରୁଛି। ଓଡ଼ିଶା ସରକାର ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଜନସାଧାରଣ ସଂସ୍କୃତି ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। କମିଟି ସଭାପତି ଭଗବାନ ଚନ୍ଦ୍ର ସାହୁ, ସମ୍ପାଦକ ପୀତାମ୍ବର ନାୟକ, ସଦସ୍ୟ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ଗଣେଶ ଚନ୍ଦ୍ର ପାତ୍ର, ରବିନାରାୟଣ ପଣ୍ଡା, ଚିତ୍ତରଞ୍ଜନ ପାତ୍ର, ପ୍ରମୋଦ ପାଣିଗ୍ରାହୀ, ବୀରେନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ।

**ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦ**

# ଥାନା ଘେରିଲା ବିଜେଡି


ବିଜେଡି ପକ୍ଷରୁ ଚାନ୍ଦବାଲି ଥାନା ଘେରାଉ କରାଯାଇଛି।

ଚାନ୍ଦବାଲି,୪।୪ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଥାନାକୁ ଧସେଇ ପଶିବା ସହ ଥାନା ଭିତରେ ହୋହଲ୍ଲା କଲେ ବିଜେଡିର ମହିଳା ଓ ପୁରୁଷ କର୍ମୀ। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପ ଅଭିଯୋଗ ଆଣି ବିଜେଡି ପକ୍ଷରୁ ଶନିବାର ଚାନ୍ଦବାଲି ଥାନା ଘେରାଉ କରାଯାଇଥିଲା। ଶାସକ ଦଳ ଚାପରେ ଚାନ୍ଦବାଲି ପୋଲିସ କାର୍ଯ୍ୟ କରୁଥିବା ଅଭିଯୋଗ କରି ବିଜେଡି ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ ବିଜେଡି କର୍ମୀ ପୋଲିସ ବିରୋଧରେ ନାରାବାଜି କରିଥିଲେ। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପାଇଁ ସାଧାରଣ ଲୋକେ ନ୍ୟାୟ ପାଇଁ ନୟାନ୍ତ ହୋଇଥିବା ଅଭିଯୋଗ ହୋଇଛି। ବିଜେଡିର ନାରାବାଜି, ପରେ ଧାରଣା ଏବଂ ଏକାଧିକ ବିଜେଡି କର୍ମୀ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ ବେଳେ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। କେତେଜଣ ମହିଳା ଓ ପୁରୁଷ କର୍ମୀ ଥାନାରେ ପଶି ନାରାବାଜି କରିଥିବା ଦେଖିବାକୁ ମିଳିଛି। ଖବରପାଇ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଚାନ୍ଦବାଲି ପୋଲିସ ଷ୍ଟେଶନରେ ପହଞ୍ଚି ବିଜେଡି ନେତାମାନଙ୍କୁ ଡାକି ଆଲୋଚନା କରିଥିଲେ। ସେମାନେ ଅଭିଯୋଗ ଆଣିଥିବା ମାମଲାଗୁଡ଼ିକର ୧୫ ଦିନ ଭିତରେ ବିଚାର କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି ପ୍ରତିଶ୍ରୁତି ଦେବା ପରେ ବିଜେଡି ଆନ୍ଦୋଳନରୁ ଓହରିଥିଲା। ପୋଲିସ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ନ କଲେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳୀୟ ନେତା ପ୍ରିନ୍ସ ରାକେଶ ନାୟକ ଚେତାବନୀ ଦେଇଛନ୍ତି। ସରୋଜ ବଳ, ଜିତେନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ ସାହୁ, ପ୍ରଭାସ ନାୟକ, ପ୍ରତାପ ବିଶ୍ୱାଳ, ମାନସ ଦାସ, ଦୀପକ ଦାସ, ପ୍ରତାପ ଦାସ, ଲମ୍ବୋଦର ପଣ୍ଡା, ସୋମନାଥ ପରିଡ଼ା, ଶଶଧର ବିଶ୍ୱାଳ, ଦୁର୍ଯ୍ୟୋଧନ ରାଉତ, ସୁଦର୍ଶନ ବେହେରା, ଅମ୍ବିକା ବେହେରା, ଅମର ସେଠୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ


ଶିଶୁବାଟିକା ପିଲାଙ୍କ ସହ ଜିଲାପାଳ ଦିଲୀପ କୁମାର ରାଉତରାଏ ଓ ଅନ୍ୟମାନେ।

ଭଦ୍ରକ,୪।୪(ସନାତନ ରାଉତ)

ଓଡ଼ିଆ ପକ୍ଷ ଅବସରରେ ଭଦ୍ରକ ବାଗୁରାଇସ୍ଥିତ ପିଏମଶ୍ରୀ ବିଦ୍ୟୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନ ୧୧ଟାରେ ଜିଲାସ୍ତରୀୟ 'ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ କୁମାର ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ଷ୍ଟଡି କିଟ୍ ବଣ୍ଟନ କରିଥିଲେ। ଜିଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ରବିନାରାୟଣ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଗୋଷ୍ଠୀ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ହିମାଦ୍ରୀ ବିଶ୍ୱାଳ, ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ନୂତନ ଭାବେ ଆସିଥିବା ଶିଶୁମାନଙ୍କୁ ଆକର୍ଷିତ କରିବା ପାଇଁ 'ଖେଳ ଘର', 'ରଙ୍ଗ ପସରା' ଓ 'ଗପ ରାଇଜ' ନାମରେ ତିନୋଟି ଷ୍ଟଲ୍ ଖୋଲାଯାଇଥିଲା। ଏଥିସହ ପାଠପଢ଼ା ଛାଡ଼ିଥିବା ଶିଶୁମାନଙ୍କୁ ପୁନଃ ମୁଖ୍ୟସ୍ରୋତକୁ ଆଣିବା ପାଇଁ 'ଆସ ସ୍କୁଲ୍ ଯିବା ୨.୦' ଅଭିଯାନ ଅନୁଷ୍ଠିତ ହୋଇ ସେମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ରବିନାରାୟଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ମୁଖ୍ୟଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ ରଥର ଶୁଭାରମ୍ଭ କରାଯାଇଥିଲା।

## ଓଡ଼ିଆ ପକ୍ଷ ଅବସରରେ ସଚେତନତା ଶୋଭାଯାତ୍ରା



ସଚେତନତା ପଦଯାତ୍ରାରେ ବିଧାୟକ ଅଶୋକ କୁମାର ଦାସ ଓ ଅନ୍ୟମାନେ।

ବାସୁଦେବପୁର,୪।୪ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ପ୍ରଶାସନ ଓ ଜିଲା ଶ୍ରମ ବିଭାଗର ମିଳିତ ସହଯୋଗରେ ଓଡ଼ିଆ ପକ୍ଷ ପାଳନ ସଚେତନତା ପଦଯାତ୍ରା ଶନିବାର ବ୍ଲକ କାର୍ଯ୍ୟାଳୟରୁ ବାହାରି ବାସୁଦେବପୁର ସହର ପରିକ୍ରମା କରିଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ପୌରାଧ୍ୟକ୍ଷା ନିବେଦିତା ବେହେରା, ବ୍ଲକ ଶ୍ରମ ବିଭାଗ ଅଧିକାରୀ ମନୋରଞ୍ଜନ ନାୟକଙ୍କ ସମେତ ବ୍ଲକ କର୍ମଚାରୀ, ମହିଳା ଓ ପୁରୁଷ ଶ୍ରମିକମାନେ ଏଥିରେ ସାମିଲ ହୋଇଥିଲେ। ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ଥାୟିତ୍ୱ ପାଇଁ ସବୁ ସ୍ତରରେ ସହଯୋଗ ଲୋଡ଼ା ବୋଲି ମୁଖ୍ୟ ଅତିଥି କହିଥିଲେ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନରେ ନାମଫଳକ ଓଡ଼ିଆ ଭାଷାରେ ଲେଖିବା ବାଧ୍ୟତାମୂଳକ ଥିବାବେଳେ ଏହାକୁ ସଫଳ କରିବାକୁ ପୌରାଧ୍ୟକ୍ଷା କହିଥିଲେ। ସଚେତନତା ମାଧ୍ୟମରେ ଜନଜାଗରଣ ସୃଷ୍ଟି କରାଯାଇ ଓଡ଼ିଆ ଭାଷାରେ ନାମଫଳକ ଲେଖିବାକୁ ଗୁରୁତ୍ୱ ଦିଆଯିବ ବୋଲି ବ୍ଲକ ଶ୍ରମ ଅଧିକାରୀ ମତ ରଖିଥିଲେ।

**ପ୍ରକଳ୍ପ ଥାଇ ବି ପାଣି ନ ମିଳିବା ପ୍ରସଙ୍ଗ**

## ରିପୋର୍ଟ ମାଗିଲେ ଜିଲାପାଳ

**ଧରିତ୍ରୀ ପ୍ରଭାବ**

ବନ୍ତ,୪।୪(କିଶୋର କୁମାର ସେଠୀ)

ବନ୍ତ ବ୍ଲକ ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତର ନିମାପଡ଼ା, ରାମଚନ୍ଦ୍ରପୁର ଏବଂ ଟାଇଗୁଣ୍ଡା ଗ୍ରାମରେ ପାଇପ୍ ପାଣି ଯୋଗାଣ ହୋଇପାରି ନାହିଁ। ପାଣିଟାଙ୍କି ଥିବା ସତ୍ତ୍ୱେ ଲୋକେ ପାଇପ୍ ପାଣି ପାଇପାରୁ ନାହାନ୍ତି। 'ପ୍ରକଳ୍ପ ଥାଇ ବି ପାଣି ଟୋପେ ମିଳୁନି' ଶୀର୍ଷକ ଖବର ଗତ ୨୯ ତାରିଖରେ 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଛି। ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଗତ ଗୁରୁବାର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏ ଦିଗରେ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୨୨-୨୦୨୩ ଆର୍ଥିକ ବର୍ଷରେ ୩ ଗ୍ରାମରେ ଗୋଟିଏ ଲେଖାଏ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପାଣି ଟାଙ୍କି, ଗୃହ ଏବଂ ପାଚେରି ନିର୍ମାଣ କାର୍ଯ୍ୟ ମଧ୍ୟ ସରିଛି। ୩ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ପ୍ରକଳ୍ପ ସମ୍ବନ୍ଧୀୟ କୌଣସି ସୂଚନା ଫଳକ ମଧ୍ୟ ନାହିଁ। ଅନାବନା ଗଛ ଲତାରେ ପ୍ରକଳ୍ପ ପ୍ଲାଣ୍ଟ ପରିପୂର୍ଣ୍ଣ ହୋଇଥିବା ବେଳେ ନିର୍ମିତ ପ୍ରକଳ୍ପ ଗୃହ ଏବଂ ଟାଙ୍କିର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଥିଲା। ୧୧ ମାସ ମଧ୍ୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିବା କଥା। କିନ୍ତୁ କାର୍ଯ୍ୟରେ ବିଳମ୍ବ ନେଇ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ କେବଳ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ରାମଚନ୍ଦ୍ରପୁର ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ, ଶ୍ରୀନିବାସ ବିଶ୍ୱାଳ, ଗଣେଶ୍ୱର ବିଶ୍ୱାଳ, ଗୌରାଙ୍ଗ ବାରିକ, ଦୁଃଖୀଶ୍ୟାମ ଜେନା, ରଞ୍ଜିତ ନାୟକ ପ୍ରମୁଖଙ୍କ ସମେତ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରି ଠିକାଦାର ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଦାବି କରିଥିଲେ।

## ବ୍ଲକସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ


ଛାତ୍ରୀଛାତ୍ରଙ୍କୁ ଗୋଲାପ ଦେଇ ସ୍ୱାଗତ କରାଯାଇଥିଲା।

ତିହିଡ଼ି,୪।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଦୋଳସାହି ଏମ୍‌ଇ ସ୍କୁଲରେ ଶନିବାର ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ଭାବେ ନାମ ଲେଖାଇଥିବା ଶିଶୁବାଟିକାରେ ୧୦ ଓ ପ୍ରଥମ ଶ୍ରେଣୀରେ ୧୦ଜଣ ପିଲା ଖଡ଼ି ଛୁଇଁଛନ୍ତି। ବ୍ଲକ ଶିକ୍ଷାଧିକାରୀ ପୂର୍ଯ୍ୟଶିଖା ମହାନ୍ତି ପିଲାମାନଙ୍କୁ ଖଡ଼ି ଛୁଆଁଇ ସ୍ଲେଟରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଲେଖା ଶିଖାଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ରେବତୀ ପଲେଇ ନୂତନ ପିଲାମାନଙ୍କୁ ସ୍କୁଲ ବ୍ୟାଗ୍ ସହ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷା ସଚେତନତା ରଥ ସ୍କୁଲ ନିକଟରେ ପହଞ୍ଚିଥିଲା। ଅତିଥି ଭାବେ ବିଡିଓ ନିରଞ୍ଜନ ବାରିକ ଓ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଯୋଗଦେଇ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଅତିଥି ଓ ଅନ୍ୟମାନେ ପିଲାମାନଙ୍କୁ ଗୋଲାପ ଫୁଲ, ଚକୋଲେଟ୍ ଦେଇ ସ୍କୁଲରେ ପ୍ରବେଶ ପାଇଁ ସ୍ୱାଗତ କରିଥିଲେ। ଏଥିରେ ଲକ୍ଷ୍ମୀପ୍ରିୟା ମାଝି, ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ କୁମାର ଭଞ୍ଜ, ଆଲୁମ୍ନି ସଭାପତି ଜଗନ୍ନାଥ କୁଅଁର, ସିଆର୍‌ସିସି ସସ୍ମିତା ମଞ୍ଜରୀ ନାୟକ, ଦେବବ୍ରତ ଶତପଥୀ, ତ୍ରିନାଥ ସେଠୀ, ଚନ୍ଦନ କୁମାର ପାତ୍ର, କେଶବ ଚନ୍ଦ୍ର ସାହୁ, ଜନ୍ମେଜୟ ସାହୁ, ଚନ୍ଦନ ମଲ୍ଲିକ, ଭାଗୀରଥି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ବ୍ଲକ୍‌ର ବିଭିନ୍ନ ସ୍କୁଲ ପରିକ୍ରମା କରିବ। ରେଣୁବାଳା ମହାପାତ୍ର, କମଳାକାନ୍ତ ବାରିକ, ସୁଜାତା ପଣ୍ଡା, ପ୍ରଭାତୀ ପ୍ରଧାନ, ମିନିପ୍ରଭା ରାଉତ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବଜ୍ରପାତରେ ୩ ଗୁରୁତର

ତିହିଡ଼ି,୪।୪ (ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଅପରାହ୍ନରେ ହୋଇଥିବା ବଜ୍ରପାତରେ ଜଣେ ବୃଦ୍ଧଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବୋଡ଼କ ପଞ୍ଚାୟତ ଅଧୀନ ଓରାଳି ଗ୍ରାମର ଗୋପୀନାଥ ସାହୁ(୬୫) ଘରକୁ ଫେରୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେହିପରି ଗୁଆମାଳ ଗ୍ରାମର ରମାମଣୀ ଜେନା(୫୬) ଗୁହାଳ ସଫା କରୁଥିବା ବେଳେ ଏବଂ କୋହ୍ଲ ବଜାରର ପ୍ରଶାନ୍ତ ଧଳ(୨୩) ରାସ୍ତାରେ ଯିବା ବେଳେ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଗୋପୀନାଥଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବ୍ୟବସାୟ ପ୍ରତିଷ୍ଠାନ ଆଗରେ ଓଡ଼ିଆ ନାମଫଳକ ଲଗାଇବାକୁ ସଚେତନତା



ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ ପଦଯାତ୍ରାରେ ସଚେତନ କରୁଛନ୍ତି।

ଭଦ୍ରକ, ୪।୪ (ସନାତନ ରାଉତ)

ଓଡ଼ିଆ ନାମଫଳକ ଅଭିଯାନ ଅବସରରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଶନିବାର ପୂର୍ବାହ୍ନ ୧୦ଟାରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପଦଯାତ୍ରା ଆରମ୍ଭ ହୋଇ ଜିଲା ଶ୍ରମ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ଜିଲାପାଳ ଦିଲୀପ ରାଉତରାଏ ଏହି ପଦଯାତ୍ରାକୁ ଉଦ୍‌ଘାଟନ କରିବା ସହ ଏଥିରେ ସାମିଲ ହୋଇଥିଲେ। ପଦଯାତ୍ରାରେ ଜିଲାର ବିଭିନ୍ନ ସ୍କୁଲରୁ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ସାମିଲ ଥିଲେ। ସହରର ସମସ୍ତ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଆଗରେ ଓଡ଼ିଆରେ ନାମଫଳକ ଲଗାଇବାକୁ ସଚେତନତା ଉଦ୍ଦେଶ୍ୟରେ ଏହି ପଦଯାତ୍ରା ଆୟୋଜନ କରାଯାଇଥିବା ଜିଲାପାଳ କହିଥିଲେ। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମଧ୍ୟରେ ଓଡ଼ିଆରେ ଲେଖାଯାଇଥିବା ନାମ ଫଳକ ଲଗାଯିବାକୁ ସଚେତନ କରାଇଥିଲେ। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ବରିଷ୍ଠ ନାଗରିକ ସଂଘ ଜିଲା ସଭାପତି ଲଲାଟେନ୍ଦୁ ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ନାୟକ, ଆଇନଜୀବୀ ଅତିଶ ବେହେରା, ଭାଜପା ନେତା ଦୀନବନ୍ଧୁ ପତି, ସାହିତ୍ୟିକ ରାଧାରାଣୀ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କାଙ୍କ ସହ ପୌରପାଳିକାର ପାରିଷଦ, କର୍ମଚାରୀ ଓ ଶ୍ରମ କାର୍ଯ୍ୟାଳୟ କର୍ମଚାରୀମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବନ୍ତ,୪।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶନିବାର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ପାଳିତ ହୋଇଯାଇଛି। ଆପ୍ତୀରା ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ନୂତନ ଭାବେ ନାମ ଲେଖାଇବାକୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସେମାନଙ୍କୁ ଖଡ଼ିଛୁଆଁ କରାଯିବା ପରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରଙ୍ଗ ବେରଙ୍ଗର ଛବି ଥିବା ବହି ପ୍ରଦାନ କରାଯାଇଥିଲା। ପରେ ସଙ୍ଗୀତ ନୃତ୍ୟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ମନୋରଞ୍ଜନ କରାଯାଇଥିଲା। ପ୍ରଧାନଶିକ୍ଷକ କୁଳମଣି ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଗୋପୀନାଥ ଦାଶ, ଗୌରାଙ୍ଗ ବିଶ୍ୱାଳ, ପ୍ରଭାତ କୁମାର ନାୟକ, ରତ୍ନାକର ଖିଲାର, ଶିକ୍ଷୟିତ୍ରୀ ଅନୁଜା ପଣ୍ଡା, ଜାନକୀବାଳା ଜେନା, ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାନେତ୍ରୀ ଶର୍ମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଓଲଟିଲା ଯାତ୍ରା ପାର୍ଟି ଟ୍ରକ୍

ଧାମନଗର,୪।୪ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଥାନା ଭଣ୍ଡାରିପଦୀ ଛକ ନିକଟସ୍ଥ ଏସ୍‌ଡିପିଓ ଅଫିସ ନିକଟ ଧାମନଗର-ଭଦ୍ରକ ମୁଖ୍ୟରାସ୍ତାରେ ଶନିବାର ଅପରାହ୍ନ ପ୍ରାୟ ୫ଟା ୩୦ ବେଳେ ଏକ ଯାତ୍ରା ପାର୍ଟିର ଜିନିଷ ପତ୍ର ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଟ୍ରକ୍‌ରେ ୪ ଜଣ ଲୋକ ଥିବାବେଳେ ସେମାନେ ସୁରକ୍ଷିତ ଅଛନ୍ତି। ଗଣେଶ ଗୋଲ୍ଡେନ ଅପେରା ନାମକ ଏକ ଯାତ୍ରା ପାର୍ଟି ଢେଙ୍କାନାଳରୁ ଆରଡ଼ି ନିକଟସ୍ଥ ତଳଦୁମୁକାକୁ ଯାତ୍ରା ପରିବେଷଣ କରିବାକୁ ଯାଉଥିଲା। ଯାତ୍ରା ପାର୍ଟିର କଳାକାର ଏକ ବସ୍ ଯୋଗେ ଯାଉଥିବା ବେଳେ ପାର୍ଟିର ଜିନିଷପତ୍ର ଟ୍ରକ୍‌ରେ ଯାଉଥିଲା। ଟ୍ରକ୍‌ଟି ରାସ୍ତା ତଳକୁ ଓଲଟି ପଡ଼ିବାରୁ କିଛି ଜିନିଷପତ୍ର ନଷ୍ଟ ହୋଇଛି।

## ଭଦ୍ରକ କଳାକାରଙ୍କ ଦ୍ୱାରା ନାଟକ 'ଚିଟାଉ' ମଞ୍ଚସ୍ଥ

ଭଦ୍ରକ,୪।୪ (ରବିନାରାୟଣ ଖିଲାର)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଓଡ଼ିଶା ଦିବସ ସନ୍ଧ୍ୟାରେ ପୁରୀର ଅର୍ଣ୍ଣପୂର୍ଣ୍ଣା ମଞ୍ଚରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ନାଟକ 'ଚିଟାଉ' ମଞ୍ଚସ୍ଥ ହୋଇଥିଲା। ପଣ୍ଡିତ ମଦନ ମୋହନ ମିଶ୍ରଙ୍କ ଦ୍ୱାରା ରଚିତ ଏବଂ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକରେ ଭଦ୍ରକର ରାନ୍ଧିଆ ବିମଳା ନାଟ୍ୟ ସଂସଦର କଳାକାରମାନେ ଅଭିନୟ କରିଥିଲେ। ବିଭିନ୍ନ ଭୂମିକାରେ ନାରାୟଣ ସାହୁ, ସନ୍ଧ୍ୟାରାଣୀ ବେହେରା, ବସୁମିତ୍ରା ସାହୁ, ଦୀପ୍ତିମୟୀ ହୋତା ପ୍ରମୁଖ ଅଭିନୟ କରିଥିଲେ। ଇଂ. ଅଶୋକ ପ୍ରସାଦ ମହାନ୍ତି ନାଟ୍ୟ ପରିଚାଳନା କରିଥିବା ବେଳେ ସଙ୍ଗୀତରେ ରାଜ କୁମାର ସହଯୋଗ କରିଥିଲେ। ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ନାରାୟଣ ଚନ୍ଦ୍ର ସାହୁ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କାଳବୈଶାଖୀ: ଉପୁଡ଼ିଲା ଗଛ, ବିଦ୍ୟୁତ୍ ଖୁଣ୍ଟ

**ଡାଲୁଅ ଧାନ ନଷ୍ଟ**

ଧୁଷୁରୀ, ୪।୪(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର ଆରଡ଼ି, ନାନ୍ଦପୁର, ସୁନ୍ଦରପୁର ଏବଂ ଓଳଗ ପଞ୍ଚାୟତ ସମେତ ଧାମନଗର ବ୍ଲକର ପାଳସାହି, ରଇପୁର, ଧୁଷୁରୀ, ସାହାସପୁର, ହସନାବାଦ, ଅର୍ଜୁନପୁର, ବମକୁରା, କୋଠାର ଆଦି ପଞ୍ଚାୟତ ଶନିବାର ଅପରାହ୍ନରେ ହୋଇଥିବା କାଳ ବୈଶାଖୀ ଦ୍ୱାରା ପ୍ରଭାବିତ ହୋଇଛି। ପ୍ରବଳ ଝଡ଼ ତୋଫାନ ସାଙ୍ଗକୁ କୁଆପଥର ବୃଷ୍ଟି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶତାଧିକ ହେକ୍ଟର ଚାଷଜମିରେ ହୋଇଥିବା ଡାଲୁଅ ଧାନ ନଷ୍ଟ ହୋଇଯାଇଛି। ଏଥିସହ ଏସବୁ ଅଞ୍ଚଳରେ ପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଝଡ଼ ତୋଫାନରେ ବଡ଼ ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ୨୦ ନମ୍ବର ଜାତୀୟ ରାଜପଥର କୁଳେଇପଦା ଛକ ନିକଟରେ ଗଛ ପଡ଼ିବାରୁ ଆରଡ଼ି-ଭଦ୍ରକ ଏବଂ ମଠଡିହ ନିକଟରେ ଗଛ ପଡ଼ିବାରୁ ଆରଡ଼ି-ଯାଜପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ସ୍ଥାନୀୟ ଲୋକେ ଗଛ କାଟି ରାସ୍ତା ସଫା କରିବାରୁ ଉଭୟ ସ୍ଥାନରେ ଅଟକିଥିବା ଯାନଗୁଡ଼ିକ ଚଳାଚଳ କରିଥିଲା। ଅଢ଼େଇ ଘଣ୍ଟା କାଳ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲେ ବି ଧାମନଗର ଫରେଷ୍ଟ ଅଫିସରୁ କୌଣସି କର୍ମଚାରୀ କିମ୍ବା ବିଦ୍ୟୁତ୍ ବିଭାଗର କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିଲା।


ଚାନ୍ଦବାଲି ବ୍ଲକ କୁଳେଇପଦା ଛକ ନିକଟ ରାସ୍ତାରେ ପଡ଼ିଥିବା ଗଛକୁ ଲୋକେ କାଟି ସଫା କରୁଛନ୍ତି।

## ଗଡ଼ିଲା ଶିକ୍ଷା ସଚେତନତା ରଥ

ବାସୁଦେବପୁର,୪।୪(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତ ବିଷ୍ଣୁବିନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ପକ୍ଷରୁ ଶନିବାର ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ୧୫ ଛାତ୍ରୀଛାତ୍ରଙ୍କୁ ଖଡ଼ିଛୁଆଁ କରାଯାଇଥିଲା। ବରେଣ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ତଥା ପାରିଷଦ ଜଗବନ୍ଧୁ ଦାସ, ଏବିଇଓ ତପନ ଦ୍ୱିବେଦୀ, ଉର୍ମିଳା କର, ଅମିୟ ମହାଳିକ, ସିଆର୍‌ସିସି ପ୍ରଶାନ୍ତ ମଲ୍ଲିକ, ସରପଞ୍ଚ ଗୋବିନ୍ଦ ମଲ୍ଲିକ, ପ୍ରଧାନଶିକ୍ଷୟିତ୍ରୀ ମାଳତୀଲତା ବାରିକ୍, ଏସ୍‌ଏମ୍‌ସି ସଭାପତି ଶୁଭାଶିଷ ଘୋଷ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ମଧୁସ୍ମିତା ଗିରି ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଅମିୟ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ଶିକ୍ଷା ସଚେତନତା ରଥକୁ ଅତିଥିମାନେ ଶୁଭାରମ୍ଭ କରିଥିଲେ। ଏହି ରଥ ସମସ୍ତ ୨୩ଟି କ୍ଲଷ୍ଟର ପରିକ୍ରମା କରି ଶିକ୍ଷା ସଚେତନତା ସୃଷ୍ଟି କରିବ।

## କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ



ମହୋତ୍ସବର ୪ର୍ଥ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୪।୪(ରତିକାନ୍ତ ବାରିକ)

ଚାନ୍ଦବାଲି ଦୁର୍ଗାପଡ଼ିଆରେ ଚାଲିଥିବା କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ଶୁକ୍ରବାର ଥିଲା ୪ର୍ଥ ସନ୍ଧ୍ୟା। ଆୟୋଜକ ମଙ୍ଗୁଳି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ସ୍ୱତନ୍ତ୍ର ଅତିଥି କଂଗ୍ରେସ ବିଧାୟକ ଦଳର ଉପନେତା ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ, ଅନ୍ୟତମ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ପୂର୍ବତନ ସଭାପତି ମନୋଜ କୁମାର ବିଶ୍ୱାଳ, କଂଗ୍ରେସ ନେତା ଅମିୟ କୁମାର ମହାପାତ୍ର, ସାହିତ୍ୟିକ ଅମିୟ ପାଣ୍ଡବ, କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ସଭାପତି ଡା. ଦେବସ୍ମିତା ଶର୍ମା ପ୍ରମୁଖ ଯୋଗ ଦେଇଥିଡ଼ଲେ। ଚାନ୍ଦବାଲି-କନିକାର ଅତୀତ ପୃଷ୍ଠାରେ ଥିବା ଗରିମାମୟ ନୌବାଣିଜ୍ୟ ଐତିହ୍ୟ, ବୈତରଣୀ ନଦୀର ବିଶେଷତା ଏବଂ ସୁରକ୍ଷା ଦିଗ ଉପରେ ଅତିଥିମାନେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ବିଧାନସଭାରେ ବୈତରଣୀ ନଦୀର ସୁରକ୍ଷା ଉପରେ ଆଲୋଚନା ରଖିବା ପାଇଁ ବିଧାୟକ ଦାସ ପ୍ରତିଶ୍ରୁତି ଦେଇଥିଲେ।

ଏହି ସମାରୋହକୁ ଦିବଂଗତ ରାଜନେତା, ସାମାଜିକ କର୍ମୀ ଚାନ୍ଦବାଲିର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୁର ମହମ୍ମଦ ଇସ୍‌ମାଇଲ ଓ ଯୋଗେଶ ଚନ୍ଦ୍ର ନାୟକଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଦେବବ୍ରତ ଦାଶ ସ୍ୱାଗତ ଭାଷଣ ଓ କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ଓ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ଆବାହକ ବିଶ୍ୱକେଶରୀ ମହାନ୍ତି, ରଞ୍ଜନ ଦାସ, ଗଙ୍ଗାଧର ଦାସ, ପ୍ରକାଶ ସେଠୀ, କେଦାରନାଥ ମହାନ୍ତି, ଦିଲୀପ ବେହେରା, ନାରୀନେତ୍ରୀ ଚନ୍ଦ୍ରକାନ୍ତୀ ଦାସ, ଗୀତାଞ୍ଜଳି ମହାନ୍ତି, ପ୍ରେମଲତା ବାରିକ, ଅଧିବକ୍ତା ମଳୟ ରଞ୍ଜନ ଭୋଇ, ପରିବେଶବିତ୍ ତାରାପଦ ମହାନ୍ତି, ନିତ୍ୟାନନ୍ଦ ପଣ୍ଡା ପ୍ରମୁଖ ସହଯୋଗ କରିଥଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କୋଷାଧ୍ୟକ୍ଷ ନିର୍ମଳ ରାଉତ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଗଛରୁ ପଡ଼ି ଯୁବକ ମୃତ

ଉଦଳା,୪।୪(ସନ୍ତୋଷ କୁମାର ବାଛିନି): ବାଲେଶ୍ୱର ଜିଲା ରାଜବରହମପୁର ଥାନା ଅଧୀନ ପିଠାହତା ନୂଆଗାଁ ଗ୍ରାମରେ ଗଛରୁ ପଡ଼ି ଗୁରୁତର ହୋଇଥିବା ଯୁବକଙ୍କର ଉଦଳା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ମୃତକ ହେଲେ ବାପୁଜୀ କବାଟ। ସୂଚନା ଅନୁଯାୟୀ, ସେ ଘର ନିକଟରେ ଥିବା ତେନ୍ତୁଳି ଗଛକୁ ତେନ୍ତୁଳି ତୋଳିବା ପାଇଁ ଚଢ଼ିଥିଲେ। ଗଛରୁ ଓହ୍ଲାଇବା ସମୟରେ ସେ ଖସିପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଶନିଶ୍ଚରଙ୍କ ବଡ଼ଓଷା

ବାରିପଦା, ୪।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲାର ସର୍ବପୁରାତନ ବାରିପଦା ବାଘଡାରୋଡ ୱାଲିଗସ୍ଥିତ ଶନିଶ୍ଚର ମନ୍ଦିରରେ ୪୫ତମ ବାର୍ଷିକ ଉତ୍ସବ ଓ ଶନିଶ୍ଚର ଓଷା ଆରମ୍ଭ ହୋଇଛି। ପ୍ରଥମ ପାଳିରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଶନିଦେବଙ୍କ ଦର୍ଶନ କରି ଅପାର କୃପା ଲାଭ କରିଛନ୍ତି। ୧୯୮୨ମସିହାଠାରୁ ଜରାଳୀ ନଦୀ କୂଳରେ ପୂଜା ପାଉଥିବା ଶନିଙ୍କ ମନ୍ଦିରରେ ଶନିବାର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋମଯଜ୍ଞ ଆରମ୍ଭ ହୋଇଛି । ପ୍ରଥମ ଶନିବାର ନିକଟସ୍ଥ ପୋଖରୀରୁ ଘଟ ଉତ୍ତୋଳନ କରାଯାଇଥିଲା। ଏହି ଉତ୍ସବକୁ ପାଳନ କରିବା ପାଇଁ ଜିଲା ସମେତ ଆଖପାଖ ରାଜ୍ୟର ହଜାର ହଜାର ଭକ୍ତ ମନ୍ଦିର ପ୍ରାଙ୍ଗଣରେ ଏକାଠି ହୋଇ ପୂଜାର୍ଚ୍ଚନା କରିଛନ୍ତି। ହିନ୍ଦୁ ଧର୍ମରେ ଶନିଦେବଙ୍କୁ ନ୍ୟାୟର ପ୍ରତୀକ ବୋଲି ବିଶ୍ୱାସ ରହିଛି। ମଣିଷର କର୍ମ ଅନୁଯାୟୀ ଫଳ ପ୍ରଦାନ କରିଥାନ୍ତି। ବର୍ଷର ଗୋଟିଏ ମାସ ଏହି ମହାଗ୍ରହ ପୀଠରେ ଶନିଦେବଙ୍କ ବାର୍ଷିକ ଉତ୍ସବ ପାଳନ ହୋଇଆସୁଛି।

### ୧.୯୩୦କିଲୋ ଗଞ୍ଜେଇ ଜବତ, ମହିଳା ଗିରଫ

ମୋରଡା/ରାସଗୋବିନ୍ଦପୁର, ୪।୪ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡା): ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ଶନିବାର ଗଞ୍ଜେଇ ଚାଲାଣ ସମୟରେ ୧.୯୩୦ କିଲୋ ଗଞ୍ଜେଇ ଜବତ କରିଛି। ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ମହିଳା ଜଣକ ହେଉଛନ୍ତି ଉକ୍ତ ଅବକାରୀ ଥାନା ଅଧୀନ ଚିରକୁଣିପଦା ଗ୍ରାମର ଶ୍ରୀମତୀ ବେହେରା। ଅବକାରୀ ଥାନାରେ ଏକ ମାମଲା(ନଂ.୩/୨୬)ରେ ରୁଜୁ ହୋଇଛି। ଅବକାରୀ ଅଧିକାରୀ ଦୀପକ ରାଉତଙ୍କ ସୂଚନା ମୁତାବକ, ଶ୍ରୀମତୀ ଦୀର୍ଘ ଦିନ ଧରି ଗଞ୍ଜେଇ ବେପାର କରି ଆସୁଥିଲେ। ଶନିବାର ଗଞ୍ଜେଇ ନେଇ ଯାଉଥିବା ସମୟରେ ଖବର ପାଇ ଅବକାରୀ ବିଭାଗ ଚିରକୁଣିପଦା ଛକ ନିକଟରେ ମାଡ଼ି ବସିଥିଲା।

# ଖଡ଼ି ଛୁଆଁଇଲେ ଜିଲାପାଳ, ଜିଲା ପରିଷଦ ଅଧ୍ୟକ୍ଷା

ବାରିପଦା, ୪।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ):


କାର୍ଯ୍ୟକ୍ରମରେ ଅତିଥିମାନେ ପିଲାମାନଙ୍କୁ ଖଡ଼ି ଛୁଆଁଉଛନ୍ତି।

ରାଜ୍ୟ ସରକାରଙ୍କର ନିର୍ଦ୍ଦେଶକ୍ରମେ ନୂତନ ଶିକ୍ଷାବର୍ଷ ଉପଲକ୍ଷେ ସମଗ୍ର ଶିକ୍ଷା ମୟୂରଭଞ୍ଜ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବିଶେଷ ଅତିଥି ଭାବେ ଜିଲାପାଳ ହେମକାନ୍ତ ସୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର, ଶଶୀଧର ସିଂ ଓ ବିନୋଦ ସିଂ ପ୍ରମୁଖ ଯୋଗଦାନ କରିଥିଲେ । ଅତିଥିମାନେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଶିଶୁମାନଙ୍କର ଖଡି ଛୁଆଁ କାର୍ଯ୍ୟକ୍ରମ ସମ୍ପାଦନ କରିବା ସହ ବିଦ୍ୟାଳୟରେ ପ୍ରବେଶ କରାଇଥିଲେ। ପ୍ରତି ପିଲାଙ୍କୁ ନୂତନ ପୁସ୍ତକ ଓ ସ୍କୁଲବ୍ୟାଗ ପ୍ରଦାନ କରିଥିଲେ। ଚଳିତବର୍ଷ ମୟୂରଭଞ୍ଜ ଜିଲାରେ ସର୍ବମୋଟ ୪୬,୬୩୨ ଜଣ ଛାତ୍ରୀଛାତ୍ର ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନୂଆ କରି ନାମ ଲେଖାଇବେ ବୋଲି ଜିଲା ଶିକ୍ଷା ଅଧିକାରୀ ସେଠୀ ଜଣାଇଛନ୍ତି । ଶିକ୍ଷା ସଚେତନତା ପାଇଁ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଶିକ୍ଷା ରଥ ଚଳିତ ମାସ ୪ ତାରିଖଠାରୁ ଆଗାମୀ ୧୦ତାରିଖ ପର୍ଯ୍ୟନ୍ତ ଜିଲାର ୨୬ ବ୍ଲକର ପ୍ରତିଟି ଗ୍ରାମ, ସାହି, ପଡା, ବିଦ୍ୟାଳୟ ଓ ସାପ୍ତାହିକ ହାଟ, ସହରାଞ୍ଚଳର ବିଭିନ୍ନ ବସ୍ତିକୁ ପରିକ୍ରମା କରି ଶିକ୍ଷାର ବାର୍ତ୍ତା ପ୍ରଦାନ କରିବ। ସଭିଏଁ ସ୍କୁଲ ଯିବା ସହ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ ପାଠ୍ୟକ୍ରମ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଏବଂ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଅବଗତ କରାଇବ। ଉପରୋକ୍ତ କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ସହରାଞ୍ଚଳ ଆବାସିକ ଛାତ୍ରାବାସର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

# କରଞ୍ଜିଆ ଘୂର୍ଣ୍ଣିଝଡ଼: ମୃତ୍ୟୁ ସଂଖ୍ୟା ୪ ହେଲା

ବାରିପଦା/କରଞ୍ଜିଆ, ୪।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ କବିତା ମହାନ୍ତ):

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ବୃଦ୍ଧିପାଇଛି। ଏଥିରେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସାଲରପଡା ଗ୍ରାମର ରାମ ମାଝୀ(୩୧)ଙ୍କ ମୃତ୍ୟୁ ଘଟିଛି । ଏହାକୁ ମିଶାଇ ମୋଟ ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଛି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବିକରିଛନ୍ତି।

ସୂଚନାଯୋଗ୍ୟ, ମାର୍ଚ୍ଚ ୧୫ ଅପରାହ୍ନରେ କରଞ୍ଜିଆ ବ୍ଲକ ବଳା ଓ ଟାଟୋ ୨ ପଞ୍ଚାୟତର କିଆ, ପାନପୋଷି, ଡୁଭୁରିଆ, ବନ୍ଧସାହି, ତେନ୍ତୁଳିପୋଷି, ପୁରୁଣାପାଣି, ରଥିଆସାହି ଓ କଙ୍କଡାକୁ ମିଶାଇ ମୋଟ ୮ଟି ଗ୍ରାମରେ ଘୂର୍ଣ୍ଣିଝଡ ତାଣ୍ଡବ ରଚିଥିଲା । ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୮ଜଣ ଗୁରୁତର ହୋଇଥିଲେ। ପରବର୍ତ୍ତୀ ସମୟରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଘଟଣାରେ ୨ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୨୯୮ଟି ଘର ଭାଙ୍ଗିଥିଲା।

# ଧାରଣାକୁ ଚିକିତ୍ସାଧୀନ ରୋଗୀଙ୍କ ସମର୍ଥନ

## ୧୯ ଦିନରେ ଡାକ୍ତରଖାନା ଆଗରେ ଧାରଣା

ମୋରଡ଼ା,୪।୪(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍‌ର ମୁଖ୍ୟ ଡାକ୍ତରଖାନା ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ୨ ଦଫା ଦାବିରେ ଧାରଣା ଜାରି ରହିଛି। ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଧାରଣା ୧୯ ଦିନରେ ପହଞ୍ଚି ଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନାହିଁ। ଡାକ୍ତରଖାନା ସମସ୍ୟାକୁ ସୁଧାରିବା ପାଇଁ ସ୍ଥାନୀୟ ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପରିବାପଣିଆ ଉପରେ ପ୍ରଶ୍ନ କରିଛନ୍ତି ଜିଲା ସଭାପତି। ତେବେ ଧାରଣା ଦିଆଯାଉଥିଲେ ପ୍ରଶାସନ କୌଣସି ପଦକ୍ଷେପ ନ ନେବାକୁ ନେଇ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯାହାର ପ୍ରତିଫଳନ ଶନିବାର ଧାରଣାସ୍ଥଳରେ ଦେଖିବାକୁ ମିଳିଛି। ଜିଲା ସଭାପତି କର୍ମୀଙ୍କ ସହିତ ଧାରଣାରେ ବସିଥିବା ବେଳେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କେତେଜଣ ରୋଗୀ ସୋନାଲୀ ମହାନ୍ତ, ପୁଷ୍ପଲତା ନାୟକ, ଛୋଟରାୟ ହେମ୍ବ୍ରମ ପ୍ରମୁଖ ଧାରଣାସ୍ଥଳକୁ ଆସି ଧାରଣା ଧାରଣାକୁ ସମର୍ଥନ କରିଥିବାର ଦେଖିବାକୁ ମିଳିଛି।


ଧାରଣାକୁ ସମର୍ଥନ କରି ରୋଗୀ ବସିଛନ୍ତି।

# ‘ମାଟିଫୁଲ’ ପତ୍ରିକା ଉନ୍ମୋଚିତ


ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ବାରିପଦା,୪।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ):

ସମାଜରେ କେତେକ ବ୍ୟକ୍ତି ଏମିତି ବି ଥାଆନ୍ତି ମାଟି ମା’ ସେବା ତଥା ଅଞ୍ଚଳର ଉନ୍ନତି ପାଇଁ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥାନ୍ତି। ସେହିଭଳି ଜଣେ କପ୍ତିପଦା ବ୍ଲକ ବଡ଼ଖଲାଡି ଗ୍ରାମର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ମହାନବ୍ୟକ୍ତି ସ୍ୱର୍ଗତ ବେଣୁଧର ବେହେରା ଯିଏକି ରେଲୱେ ଚାକିରି ପରିତ୍ୟାଗ କରି ନିଜ ଅଞ୍ଚଳର ବିକାଶ ପାଇଁ ସ୍କୁଲ, କଲେଜ, ବ୍ୟାଙ୍କ ଆଦି ସ୍ଥାପନ କରି ଅଞ୍ଚଳରେ ଶିକ୍ଷାର ପ୍ରସାର କରିବା ସହିତ ସମସ୍ତଙ୍କୁ ଚିକିତ୍ସା ସେବା ପ୍ରଦାନ କରି ଆସୁଥିଲେ। ତାଙ୍କର ୯୮ତମ ଜୟନ୍ତୀ ଅବସରେ ଏକ ସଭା ସାହିତ୍ୟିକ ବସନ୍ତ କୁମାର ରାଉଳଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଡିଆ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ରାଜ୍ୟ ସମବାୟ ବ୍ୟାଙ୍କର ମହାପ୍ରବନ୍ଧକ ଭଗବାନ ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଲିକ ପ୍ରମୁଖ ଯୋଗଦେଇ ବେହେରାଙ୍କଠାରୁ ପାଇଥିବା ପ୍ରେରଣା ସମ୍ପର୍କରେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଆଶିଷ କୁମାର ଶଙ୍ଖୁଆ, ବାଇଧର ବେହେରା, ଅଂଶୁମାନ ମହାନ୍ତି, ବିଦ୍ୟାଧର ବେହେରା, ଜଗନ୍ନାଥ ବିଶ୍ୱାଳ, ବିରଞ୍ଚି ନାରାୟଣ ବେହେରା ଓ ପ୍ରଫୁଲ୍ଲ କୁମାର ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତ୍ରୟମାସିକ ପତ୍ରିକା ‘ମାଟିଫୁଲ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଶିକ୍ଷାବିତ୍ ଜୟଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ‘ମାଟିଫୁଲ’ ପକ୍ଷରୁ କୃତି ଛାତୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ଶ୍ରୀ ବିଦ୍ୟାବାଟିକାର ବାର୍ଷିକୋତ୍ସବ ‘ଅଭିବ୍ୟକ୍ତି’

ଉଦଳା, ୪।୪(ସନ୍ତୋଷ କୁମାର ବାଛିନି):

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଶ୍ରୀରାମଚନ୍ଦ୍ରପୁର ଶ୍ରୀ ବିଦ୍ୟା ବାଟିକାର ବାର୍ଷିକୋ ଉତ୍ସବ ‘ଅଭିବ୍ୟକ୍ତି’ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅଞ୍ଚଳର ବରିଷ୍ଠ ନାଗରିକ ଯଜ୍ଞନାରାୟଣ ମହାନ୍ତି, ଭାଜପା ନେତା ବିଭୂତି ଭୂଷଣ ମହାନ୍ତ, ସାମାଜିକ କର୍ମୀ ମାନସ କୁମାର ବେହେରା, ବନମାଳୀ ସିଂହ, ହରିଶ୍ଚନ୍ଦ୍ର ମହାନ୍ତ, ଲୋକ୍ନମିଧର ସାହୁ, ଅର୍ଜୁନ କୁମାର ଟୁଡୁ, ସୁଦର୍ଶନ ତ୍ରିପାଠୀ ଓ ସେବା ଫାଉଣ୍ଡେଶନର ଚେୟାରମ୍ୟାନ ଡା. ସତ୍ୟବ୍ରତ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଦୀପ୍ତିସ୍ମିତା ମହାନ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉଦଳା ବିଦ୍ୟାବାଟିକାର ଅଧ୍ୟକ୍ଷା ପ୍ରିୟଦର୍ଶିନୀ ନିବେଦିତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ବିଦ୍ୟା ବାଟିକା ଦ୍ୱାରା ଗଠିତ ମାତୃଭାରତୀ ମା’ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ ଭଉଣୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ସଦସ୍ୟ, ଅଭିଭାବକ ଓ କରମା ଫାଉଣ୍ଡେଶନର ସଦସ୍ୟମାନେ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

ବୈଶିଙ୍ଗା,୪।୪(ରତନ ଦାଶ):

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ଶନିବାର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରଜତ ଦାଶଙ୍କ ପୌରୋହିତ୍ୟରେ ଶିଶୁବାଟିକା ଶ୍ରେଣୀର ୯ ଜଣ ଓ ପ୍ରଥମ ଶ୍ରେଣୀର ୧୨ ଜଣ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ପିଲାଙ୍କୁ ମାଗଣା ପାଠ୍ୟପୁସ୍ତକ ସହ ବିଦ୍ୟାଳୟ ତରଫରୁ ସ୍ଲେଟ୍, ଖଡ଼ି, ଛବିଳ ମଧୁ ବର୍ଣ୍ଣବୋଧ ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପିଲାମାନେ ବିଦ୍ୟାଳୟର ଖେଳିବା ସ୍ଥାନ, ଶୌଚାଳୟ, ହାତ ଧୋଇବା ସ୍ଥାନ ଆଦି ଶିଶୁ ସେବିକା ଝୁଲଣା ରାୟଙ୍କ ସହ ବୁଲି ଦେଖିଥିଲେ। ମଧ୍ୟାହ୍ନ ଭୋଜନ ଖାଇ ଘରକୁ ଫେରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରତିମା ପରିଡା, ସୁବାସିନୀ ପରିଡା, ସୁକାନ୍ତି ବିଶାଳ, ନୀଳାକ୍ଷି ଦାସ, ମାଳତୀ ମାଝୀ, ମଣ୍ଟୁ ମାର୍ଣ୍ଡି ତଥା ପରିଚାଳନା କମିଟି ସଦସ୍ୟ ଭବାନୀଶଙ୍କର ମହାନ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ।

ସେହିପରି ବୈଶିଙ୍ଗା ଥାନା ଅର୍ନ୍ତଗତ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜିତ ଜେନାଙ୍କ ପୌରହିତ୍ୟରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଅତୁଲ ମିଶ୍ର, ଶିକ୍ଷକ ରାଜକିଶୋର ଦାଶ, ନିରଞ୍ଜନ ବାରିକ, ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ, ତରଣୀକାନ୍ତ ମହାନ୍ତ, ଶୁଭବନ୍ତ ନାୟକ, ଶୁଭାଶିଷ ପଣ୍ଡା ଓ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଛାତ୍ର ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ନୂତନ ଛାତ୍ରଛାତ୍ରୀଙ୍କ ସହିତ ଆତ୍ମ ପରିଚିତି ପରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ଉପଖଣ୍ଡସ୍ତରୀୟ ଛଉନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ରାଇରଙ୍ଗପୁର, ୪।୪(ମାନସ ମହାନ୍ତି ):

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରସ୍ଥିତ ଉପଖଣ୍ଡ ସ୍ତରୀୟ ପ୍ରଶାସନ ତତ୍ତ୍ୱାବଧାନ ଏବଂ ବାମନଘାଟୀ ଛଉ ନୃତ୍ୟ ପ୍ରତିଷ୍ଠାନର ସହଯୋଗରେ ରାଇରଙ୍ଗପୁରଠାରେ ୨ ଏବଂ ୩ ତାରିଖ ଦୁଇ ଦିନ ଧରି ଆୟୋଜିତ ହୋଇଥିଲା ଉପଖଣ୍ଡ ସ୍ତରୀୟ ଛଉନୃତ୍ୟ ପ୍ରତିଯୋଗିତା। ଭାରପ୍ରାପ୍ତ ଉପଜିଲାପାଳ ତଥା ଅତିରିକ୍ତ ଉପଜିଲାପାଳ ବାସନ୍ତୀ ଲାକ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାର ପ୍ରଥମ ଦିନରେ ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକର ୬ଟି ଛଉ ନୃତ୍ୟ ଦଳ ଅଂଶ ଗ୍ରହଣ କରିଥିଲେ। ଦ୍ୱିତୀୟ ଦିବସରେ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଛଉ ଗୁରୁ ସୁନୀଲ କୁମାର ମହାନ୍ତ, ମହେଶ୍ୱର ମହାନ୍ତ, ଜାପାନୀ ମାଠିଆ ଓ ମିଳନ କୁମାର ମହାନ୍ତ ଯୋଗଦେଇ ଛଉ ନୃତ୍ୟଦଳର କଳାକାରମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟର ମୂଲ୍ୟାୟନ କରିଥିଲେ। ତଦନୁସାରେ ଉପଖଣ୍ଡସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ୫ ଟି ଦଳ ଯଥା ପ୍ରଥମ ସ୍ଥାନରେ ଛଉ ନୃତ୍ୟ ପ୍ରତିଷ୍ଠାନ, ବାଦଡା, ଦ୍ୱିତୀୟ ସ୍ଥାନରେ ବାବା କାଳା ମହାଦେବ ଛଉ ନୃତ୍ୟ ପ୍ରତିଷ୍ଠାନ, ତିଖିଆ, ତୃତୀୟ ସ୍ଥାନରେ ବାମନୀପାହାଡ଼ ଛଉ ନୃତ୍ୟ ପ୍ରତିଷ୍ଠାନ, ଅଁଳାଯୋଡି,



କଳାକାରଙ୍କ ଦ୍ୱାରା ପରିବେଷିତ ଛଉନୃତ୍ୟ।

ଚତୁର୍ଥ ସ୍ଥାନରେ ଜ୍ୟୋତିକୁମ୍ଭ ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇହରି ଏବଂ ନବଜ୍ୟୋତି ଛଉ ନୃତ୍ୟ ପ୍ରତିଷ୍ଠାନ, ସାନ ସିମଳା ପଞ୍ଚମ ସ୍ଥାନ ଅଧିକାର କରିଥିଲା। ଏହି ୫ଟି ଦଳ ଚଳିତ ମାସ ୧୧ ତାରିଖ ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଚୈତ୍ର ପର୍ବ ଉତ୍ସବରେ ଛଉ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସେମାନଙ୍କର ନୃତ୍ୟ କଳା ପ୍ରଦର୍ଶନ କରିବେ। ପ୍ରଶାସନ ଦ୍ୱାରା ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ସହକାରୀ ଜିଲାପାଳ ସୁଧାକର ସେଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଡେପୁଟି କଲେକ୍ଟର ମାନସ ରଞ୍ଜନ ବେହେରା ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗଦେଇଥିଲେ।

## ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପର୍ବ

ଖାରପୋଖରିଆ,୪।୪ (ସୁଧୀର କୁମାର ମହାନ୍ତ):

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ଶନିବାର ଜାଲଦା କ୍ଲଷ୍ଟର ପିଏମଶ୍ରୀ ଶୋଭାରାଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ଗୋଚ୍ଛାୟତଙ୍କ ପରିଚାଳନାରେ ଯାମିନୀକାନ୍ତ ପଣ୍ଡା ମନ୍ତ୍ରସ୍ତୁତି ପାଠ କରି ନୂତନ କରି ଆସିଥିବା ଶିଶୁ ବାଟିକା ପିଲାମାନଙ୍କୁ ଖଡ଼ିଛୁଆଁ କରିଥିଲେ। ମୁଖ୍ୟ ଅତିଥିଭାବେ ସାରସକଣା ପଞ୍ଚାୟତ ସମିତିର ଅଧ୍ୟକ୍ଷା ତୁଳସୀ ସିଂ, ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁମନ୍ତ ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମଙ୍ଗଳ ସିଂ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା ସେନାପତି, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଏକାଦଶୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସରକାରଙ୍କ ‘ଆସ ସଭିଏଁ ସ୍କୁଲ ଯିବା’ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ବ୍ଲକ ଶିକ୍ଷା ବିଭାଗର ୧୬ଜଣ ରିସର୍ଚ୍ଚ ପର୍ସନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଓଡ଼ିଶା ଦିବସ ପକ୍ଷ ଅବସରରେ ଶିକ୍ଷା ରଥକୁ ବ୍ଲକ ଅଧ୍ୟକ୍ଷା ସିଂ ଶୁଭାରମ୍ଭ କରିଥିଲେ। ଏହି ରଥ ଗାଁ ଗାଁ ବୁଲି ‘ଆସ ସଭିଏଁ ସ୍କୁଲ ଯିବା’ର ବାର୍ତ୍ତାକୁ ନେଇ ଜନସାଧାରଣଙ୍କୁ ସଚେତନ କରିବ ବୋଲି ବ୍ଲକ ଶିକ୍ଷାଧିକାରୀ ସିଂ କହିଥିଲେ।

# ଓଡ଼ିଆରେ ନାମଫଳକ ଲେଖା ସଚେତନତା ପଦଯାତ୍ରା

ବାରିପଦା, ୪।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ):

‘ଓଡ଼ିଆ ପକ୍ଷ’ ପାଳନ ଅବସରରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ମୟୂରଭଞ୍ଜ ତରଫରୁ ଜିଲାସ୍ତରୀୟ ‘ଓଡ଼ିଆରେ ନାମଫଳକ ଲେଖା’ ଅଭିଯାନ ଆୟୋଜିତ ହୋଇଛି। ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ, ୧୯୫୬ ଅନୁଯାୟୀ ଜିଲାର ସମସ୍ତ ଦୋକାନ, ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନମାନଙ୍କର ନାମଫଳକକୁ ନିର୍ଭୁଲ ଏବଂ ସ୍ପଷ୍ଟ ଭାବରେ ଓଡ଼ିଆ ଭାଷାରେ ଲେଖିବା ପାଇଁ ଏହି ଅଭିଯାନ ମାଧ୍ୟମରେ ଆହ୍ୱାନ କରାଯାଇଛି । ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ବାରିପଦାରୁ ଏକ ସଚେତନତା ପଦଯାତ୍ରା ଓ ରଥଯାତ୍ରା ଆୟୋଜିତ ହୋଇଛି। ଏହା ସହରର ବିଭିନ୍ନ ପ୍ରମୁଖ ଅଞ୍ଚଳ ମଧ୍ୟଦେଇ ରାଲି କରି ସ୍ଥାନୀୟ ଛଉ ପଡ଼ିଆରେ ସମାପନ ହୋଇଛି। ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗଇପାଇ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶ୍ରମ ସଙ୍ଗଠନ, ସ୍ୱେଚ୍ଛାସେବୀ, ଏନଜିଓ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲାପାଳ ନାୟକ ଓଡ଼ିଆ ଭାଷାର ମହତ୍ତ୍ୱ, ଏହାର ସଂରକ୍ଷଣ ଓ ସାମାଜିକ ଜୀବନରେ ଏହାର ବ୍ୟାପକ ବ୍ୟବହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ନିଜ ଦୋକାନ ଓ ପ୍ରତିଷ୍ଠାନର ନାମ ଫଳକକୁ ଓଡ଼ିଆରେ ଲେଖିବା ମାଧ୍ୟମରେ ଆମେ ନିଜ ଭାଷାକୁ ସମ୍ମାନ ଦେବା ସହ ଏହାର ସମୃଦ୍ଧିକୁ ଆଗେଇ ନେଇପାରିବା ବୋଲି ନିଜ ପ୍ରତିକ୍ରିୟାରେ କହିଥିଲେ। ସେହିପରି ସଚେତନତା ପଦଯାତ୍ରା ପରେ ବିଭିନ୍ନ ଅଧିକାରୀମାନଙ୍କ ସ୍ୱତନ୍ତ୍ର ଦଳ ଦ୍ୱାରା ବିଭିନ୍ନ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନମାନଙ୍କରେ ନାମଫଳକ ନିରୀକ୍ଷଣ ପ୍ରକ୍ରିୟା ଆରମ୍ଭ କରାଯାଇ ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ତାଗିଦ୍ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଶ୍ରମ ଅଧିକାରିଣୀ ବାରିପଦା ପାନମଣି ସୋରେନ, ଅତିରିକ୍ତ ଶ୍ରମ ଅଧିକାରୀ ତନ୍ମୟ ବସା, ଗୋବିନ୍ଦ ସୋରେନ, ସ୍ମୃତିରେଖା ନାଥ, ଟିକିଲିମଣି ସୋରେନ ପ୍ରମୁଖ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ସଚେତନତା ପଦଯାତ୍ରା।

